# ଜଳ ନମୁନା ସଂଗ୍ରହକଲା ମାଇକ୍ରୋବାୟୋଲୋଜି ବିଭାଗ

**ସହରରେ ଜଣ୍ଡିସ୍ ବ୍ୟାପିବା ଆଶଙ୍କା ଘଟଣା**

ରାୟଗଡ଼ା,୩୦।୧(ଆଶିଷ ରଞ୍ଜନ ପଣ୍ଡା)


ଜନସ୍ୱାସ୍ଥ୍ୟ ବିଭାଗର ପାଣି ପାଇପ୍‌ରୁ ନମୁନା ସଂଗ୍ରହ କରାଯାଉଛି।

ରାୟଗଡ଼ା ସହରର ଇନ୍ଦିରା ନଗର, କସ୍ତୁରୀ ନଗର ଏବଂ କସ୍ତୁରୁ ବସ୍ତି ଅଞ୍ଚଳରେ ଜଣ୍ଡିସ ରୋଗ ବ୍ୟାପିବା ନେଇ ଯେଉଁ ଚର୍ଚ୍ଚା ଚାଲିଛି ସେ ନେଇ ପ୍ରଶାସନ ପକ୍ଷରୁ ତନାଘନା ଜାରି ରହିଛି। କୋରାପୁଟସ୍ଥିତ ଜନସ୍ୱାସ୍ଥ୍ୟ ଲ୍ୟାବର ସିନିୟର ମାଇକ୍ରୋବାୟୋଲୋଜିଷ୍ଟ ତଥା ଲ୍ୟାବ ଇନଚାର୍ଜ ଅଲେଖ ନାୟକ ପାଣିର ନମୁନା ସଂଗ୍ରହ କରିଥିବା ଜଣାପଡ଼ିଛି। ପ୍ରାଥମିକ ସୂଚନାରୁ ପାନୀୟ ଜଳରୁ ଜଣ୍ଡିସ ହୋଇଥିବା ଘଟଣାକୁ ଖଣ୍ଡନ କରିଛନ୍ତି। ସଂଗୃହିତ ପାଣିରେ ପିଏଚ, କ୍ଲୋରିନ ଠିକ ରହିଥିବା ଯୋଗୁ ଏହି ଜଳରେ ଜଣ୍ଡିସ ବ୍ୟାକ୍ଟେରିଆ ରହିବାର ସମ୍ଭାବନା ନାହିଁ ବୋଲି ସେ ସ୍ପଷ୍ଟ କରିଥିଲେ। କିନ୍ତୁ ଶୁକ୍ରବାର ସଙ୍ଗୃହୀତ ପିଇବା ପାଣିକୁ ଆଡଭାନ୍ସ ଯନ୍ତ୍ରପାତି ଦ୍ୱାରା ଲ୍ୟାବରେ ଟେଷ୍ଟ କରାଯିବ ବୋଲି ସେ କହିଛନ୍ତି। ସଙ୍ଗୃହିତ ଜଳ ୨୮ରୁ ୩୦ ପ୍ରକାର ପରୀକ୍ଷା କରାଯିବ। ଏହାଦ୍ୱାରା ଜଳରେ ଅନ୍ୟ କୌଣସି ଅସୁବିଧା ଥିଲେ ତାହା ଜଣାପଡିବ ବୋଲି କହିଛନ୍ତି । ପାଣିର ଅନ୍ୟ କେଣସି ପ୍ରକାର ଅସୁବିଧା ଥିଲେ ଆସନ୍ତା ଦୁଇ ଦିନ ମଧ୍ୟରେ ରିପୋର୍ଟରୁ ଶୀଘ୍ର ଜଣାପଡିବ ଲ୍ୟାବ ଇନଚାର୍ଜ ନାୟକ କହିଛନ୍ତି।

ଜଣ୍ଡିସ ଅଭିଯୋଗ ଆସିବା ପରେ ସିଡିଏମ୍‌ଓଙ୍କ ନିର୍ଦ୍ଦେଶ କ୍ରମେ ଏକ ଡାକ୍ତରୀ ଟିମ୍ ଉକ୍ତ ଅଞ୍ଚଳ ଗସ୍ତ କରି ପାଣି ନମୁନା ସଂଗ୍ରହ କରି ଘର ଘର ବୁଲି ତଥ୍ୟ ସଂଗ୍ରହ କରିଥିଲେ। ଏହି ଅଞ୍ଚଳରେ ଚଳିତ ମାସରେ ୧୦ରୁ ୧୨ଜଣ ଲୋକେ ଜଣ୍ଡିସ ରୋଗରେ ଆକ୍ରାନ୍ତ ହୋଇଥିବା ଅଭିଯୋଗ ହୋଇଥିଲା। ଗୁରୁବାର ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଉକ୍ତ ଅଞ୍ଚଳର ୫ଟି ସ୍ଥାନରୁ ଜଳ ନମୁନା ସଂଗ୍ରହ କରାଯାଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଲ୍ୟାବକୁ ପରୀକ୍ଷା ପାଇଁ ପଠାଯାଇଥିଲା। ଲ୍ୟାବ ରିପୋର୍ଟ ପାଇଁ ଜଳର ମାନ ପରୀକ୍ଷା ହୋଇଥିଲା। ଅନ୍ୟପଟେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକ୍ରମେ ନିରୀକ୍ଷକ ପ୍ରକାଶ ସୋରେନ ନିଜ ଟିମ୍ ସହ ଇନ୍ଦିରା ନଗର, କେସ୍ତୁରୁ ନଗର ଏବଂ ଅଶୋକ ନଗର ଅଞ୍ଚଳରେ ଚଢ଼ାଉ କରିଥିଲେ। ରାସ୍ତା ଉପରେ ଖାଦ୍ୟ ବିକ୍ରେତା କରୁଥିବା ଦୋକାନୀ, ରେଷ୍ଟୁରାଣ୍ଟ ଏବଂ ଜନସାଧାରଣଙ୍କୁ ପରିଷ୍କାର ପରିଚ୍ଛନ୍ନତା ସହ ସ୍ୱଚ୍ଛ ପାଣି ବ୍ୟବହାର କରିବାକୁ ସଚେତନ କରିଥିଲେ।

# ଚିନ୍ତାଜନକ ଦେଶର ଅର୍ଥନୈତିକ ଅଭିବୃଦ୍ଧି: ଏମ୍‌ପି ସପ୍ତଗିରି

**ଗ୍ରାମୀଣ ବିକାଶକୁ ଅଣଦେଖା, ବଡ଼ ବଡ଼ କର୍ପୋରେଟ୍‌କୁ ପ୍ରୋତ୍ସାହନ ଅଭିଯୋଗ**

ରାୟଗଡ଼ା,୩୦।୧(ଆଶିଷ ରଞ୍ଜନ ପଣ୍ଡା)


ସପ୍ତଗିରି ଉଲ୍ଲାକା

ଆର୍ଥିକ ସର୍ବେକ୍ଷଣ ୨୦୨୫-୨୬ ଅନୁସାରେ ଭାରତର ଅର୍ଥନୈତିକ ଅଭିବୃଦ୍ଧି ପ୍ରାୟ ୭% ରହିବାର ପୂର୍ବାନୁମାନ କରାଯାଇଛି। ଯାହା ବିଶ୍ୱସ୍ତରୀୟ ଅନିଶ୍ଚିତତା ସତ୍ତ୍ୱେ ଦେଶର ସାମଗ୍ରିକ ଅର୍ଥନୈତିକ ସ୍ଥିରତାକୁ ପ୍ରଦର୍ଶିତ କରୁଛି। କିନ୍ତୁ ଏହି ସଂଖ୍ୟା ପଛରେ ଏକ ଚିନ୍ତାଜନକ ବାସ୍ତବତା ରହିଛି। ଫଳରେ ଚାକିରି ସୃଷ୍ଟି, ଆୟ ସୁରକ୍ଷା କିମ୍ବା ଗ୍ରାମୀଣ ଅର୍ଥନୈତିକ ସ୍ଥିରତାରେ ପର୍ଯ୍ୟାପ୍ତ ଭାବରେ ପରିଣତ ହୋଇନାହିଁ ବୋଲି କୋରାପୁଟ ଏମ୍‌ପି ତଥା ଗ୍ରାମୀଣ ବିକାଶ ଏବଂ ପଂଚାୟତିରାଜ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ସପ୍ତଗିରି ଶଙ୍କର ଉଲାକା ପ୍ରେସ ବିବୃତ୍ତି ମାଧ୍ୟମରେ ଶୁକ୍ରବାର ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ସର୍ବେକ୍ଷଣ ଅନୁସାରେ ନିଯୁକ୍ତି ସୃଷ୍ଟିରେ ଏ ପର୍ଯ୍ୟନ୍ତ ଦୁର୍ବଳତା ରହିଛି ଏବଂ ଉତ୍ପାଦନ କ୍ଷେତ୍ର ବର୍ଦ୍ଧିତ କର୍ମଶକ୍ତିକୁ ପର୍ଯ୍ୟାପ୍ତ ଭାବେ ଗ୍ରହଣ କରିବାରେ ବିଫଳ ହୋଇଛି। ଯୁବ ବେକାରୀ, ଶ୍ରମର ଅନୌପଚାରିକିକରଣ ଏବଂ ବିଶେଷକରି ଗ୍ରାମୀଣ ଆଦିବାସୀ ଓ ପଛୁଆ ଅଞ୍ଚଳଗୁଡ଼ିକରେ ଏକ ସ୍ଥିର ମଜୁରୀ ପ୍ରଦାନ କରିବାରେ ଲକ୍ଷ ଲକ୍ଷ ଲୋକଙ୍କ ଦୈନନ୍ଦିନ ଜୀବନର ବିଫଳ ହୋଇଥିବା ଦେଖିବାକୁ ମିଳିଛି। ସରକାର ଆର୍ଥିକ ଏକତ୍ରିକରଣକୁ ପ୍ରାଥମିକତା ଦେଉଥିବାବେଳେ ସର୍ବେକ୍ଷଣ ନିରନ୍ତର ନଗଦ ସ୍ଥାନାନ୍ତର, ସାମାଜିକ ଖର୍ଚ୍ଚର ସଙ୍କୋଚନ ଏବଂ ବିକାଶମୂଳକ ଖର୍ଚ୍ଚରୁ ବାହାରକୁ ଯିବାର ସମ୍ଭାବ୍ୟ ପ୍ରଭାବ ସମ୍ପର୍କରେ ଚିନ୍ତା ପ୍ରକଟ କରୁଛି ବୋଲି ଏମ୍‌ପି ଉଲାକା ଉଲେଖ କରିଛନ୍ତି । ଆର୍ଥିକ ଶୃଙ୍ଖଳା ନାମରେ ଏମଜିଏନଆରଇଜିଏସ୍‌କୁ ଦୁର୍ବଳ କରିବା, ମଜୁରୀକୁ ବିଳମ୍ବ, ପେନସନକୁ ସଙ୍କୁଚିତ ଏବଂ ଗ୍ରାମୀଣ ବିକାଶକୁ ଦୁର୍ବଳ କରିବା ପାଇଁ ଏହାକୁ ଏକ ଯଥାର୍ଥତା ଭାବରେ ବ୍ୟବହାର କରାଯାଉଛି ବୋଲି ଏମ୍‌ପି କହିଛନ୍ତି। ଫଳରେ ଏଭଳି ପଦକ୍ଷେପ ସିଧାସଳଖ ଗରିବ ଲୋକଙ୍କୁ ପ୍ରଭାବିତ କରୁଛି ଏବଂ ଅର୍ଥନୀତିର ଚାହିଦାକୁ ଦମନ କରୁଛି। ତୃଣମୂଳସ୍ତରରେ ପଞ୍ଚାୟତିରାଜ ପ୍ରତିଷ୍ଠାନଗୁଡିକୁ କ୍ରମାଗତ ଭାବେ ଦୁର୍ବଳ କରାଯାଉଛି ବୋଲି ସପ୍ତଗିରି ଅଭିଯୋଗ କରିଛନ୍ତି। ବିଭିନ୍ନ ଯୋଜନା କାର୍ଯ୍ୟକାରୀ ପାଇଁ ଆବଶ୍ୟକିୟ ଗ୍ରାମସଭାଗୁଡିକୁ ଅଣଦେଖା କରାଯାଉଛି ଏବଂ ଜଳ ଜୀବନ ମିଶନ ଓ ଗ୍ରାମୀଣ ନିଯୁକ୍ତି କାର୍ଯ୍ୟକ୍ରମ ପରି ପ୍ରମୁଖ ଯୋଜନାରେ ବିଳମ୍ବ ହେଉଛି। ବିକାଶମୂଳକ ଯୋଜନାର କାର୍ଯ୍ୟକାରିତା କ୍ଷେତ୍ରରେ ମଧ ବିଫଳତାର ଶିକାର ହେଉଛି ବୋଲି କହିଛନ୍ତି। ବର୍ତ୍ତମାନର ସରକାର ବଡ଼ ବଡ଼ କର୍ପୋରେଟ ସଂସ୍ଥାଗୁଡିକ ସପକ୍ଷରେ ଢ଼ଳି ରହୁଥିବା ବେଳେ ସୂକ୍ଷ୍ମ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗୁଡିକ ବିଭିନ୍ନ ସମସ୍ୟା ନେଇ ଅନିଶ୍ଚିତତା ସହ ନିରନ୍ତର ଭାବେ ସଂଘର୍ଷ କରୁଛନ୍ତି। ତେଣୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେଲେ ଦେଶର ଅର୍ଥନୈତିକ ଅଭିବୃଦ୍ଧି ଘଟିବ ଏବଂ ପ୍ରକୃତ ବିକାଶ ହେବ ବୋଲି ସେ ପ୍ରେସ୍ ବିଜ୍ଞପ୍ତିରେ କହିଛନ୍ତି।

# ଶୃଙ୍ଖଳିତ ହୋଇ ସମାଜରେ ପ୍ରତିଷ୍ଠିତ ହେବାକୁ ପରାମର୍ଶ


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଗୁଣପୁର,୩୦।୧
(ସଂକେତ ପାତ୍ର/ସୁଜାତା ପାଢ଼ୀ)

ଗୁଣୁପୁର ଶତାୟୁ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଗୁଣପୁର ଉପଜିଲାପାଳ କାର୍ଯ୍ୟାଳୟର ଡେପୁଟି କଲେକ୍ଟର ଜୋହନ ବଡଭୂୟାଂ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଛାତ୍ରସମାଜ ନିଷ୍ଠାର ସହ କଠିନ ପରିଶ୍ରମ, ଶଙ୍ଖଳା ସହ ଶିକ୍ଷା ପ୍ରତି ପ୍ରତିବଦ୍ଧତା ରଖିଲେ ନିଜ ଲକ୍ଷ୍ୟ ସ୍ଥଳରେ ପହଞ୍ଚି ସମାଜରେ ନିଜକୁ ପତିଷ୍ଠିତ କରିପାରିବେ ବୋଲି କହିଥିଲେ। ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ ସତ୍ୟନାରାୟଣ ରଥ ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ରାୟଗଡା ଜିଲା ଅତିରିକ୍ତ ଶିକ୍ଷାଧିକାରୀ ସସ୍ମିତା ବେହେରା, ଗୁଣପୁର ପୌରାଧକ୍ଷା ମମତା ଗୌଡ଼,ରାୟଗଡା ଜିଲା ଆମୁସମ୍ୟାନ ଅକ୍ଷୟ ଦାସ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସନ୍ତୋଷ କୁମାର ସାସମଲ ଓ ଭୀମପୁରଗୁଡା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଶଶାଙ୍କ ଦାସ ମଞ୍ଚାସୀନ ଥିଲେ । ଶିକ୍ଷକ ଭେଙ୍କେଟ ରାବଣା ପଟ୍ଟନାୟକ ଅତିଥି ପରିଚୟ ସହ ମଞ୍ଚ ପରିଚାଳନା କରିଥିଲେ। ପ୍ରଧାନଶିକ୍ଷକ ହେମାନନ୍ଦ ବରିହା ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବାର୍ଷିକ କ୍ରୀଡ଼ା ଉତ୍ସବର ଅନୁଷ୍ଠିତ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ସହ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଶିକ୍ଷୟିତ୍ରୀ ଗାୟତ୍ରୀ ମିଶ୍ରଙ୍କ ନିର୍ଦ୍ଦେଶନାରେ 'ଶିକ୍ଷା ସମସ୍ତଙ୍କ ଅଧିକାର ' ଶୀର୍ଷକ ନାଟକ ପ୍ରଦର୍ଶିତ ହୋଇଛି। କାର୍ଯ୍ୟକ୍ରମକୁ ବରିଷ୍ଠ ଶିକ୍ଷକ ରାବଣା ପଟ୍ଟନାୟକ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# 'ଧନ୍ଦାମୂଳକ ଶିକ୍ଷା ଜୀବନଶୈଳୀକୁ ପରିବର୍ତ୍ତନ କରିପାରିବ'

ଗୁଡାରି,୩୦।୧(ପ୍ରମୋଦ କୁମାର ପତି)


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ରାୟଗଡ଼ା ଜିଲା ଗୁଡାରିସ୍ଥିତ ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟସ୍ତରୀୟ ପିଏମଶ୍ରୀ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୋଷ୍ଠୀ ଶିକ୍ଷାଧିକାରୀ ଲୋକନାଥ ସୁନା, ପୂର୍ବତନ ଥାନାଧିକାରୀ ସମର୍ପିତା ସ୍ୱାଇଁ, ସ୍ଥାନୀୟ ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ପାଢ଼ୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସଂଗୁଡା ରୁପମାଝୀ, ପ୍ରଧାନଶିକ୍ଷକ ସୃଜନ ମଲିକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପୂର୍ଣ୍ଣଚନ୍ଦ୍ର ବୀରଦଳାଇ ମଞ୍ଚାସୀନ ଥିଲେ। ଛାତ୍ରୀଛାତ୍ରଙ୍କୁ ଭବିଷ୍ୟତ ଗଢ଼ିବାକୁ ଶିକ୍ଷା ଏକାନ୍ତ ଅପରିହାର୍ଯ୍ୟ ବୋଲି ଗୋଷ୍ଠୀ ଶିକ୍ଷାଧିକାରୀ କହିଥିଲେ। ଶିକ୍ଷା ସହ ଧନ୍ଦାମୂଳକ ଶିକ୍ଷା ଜୀବନଶୈଳୀକୁ ପରିବର୍ତ୍ତନ କରିପାରିବ ବୋଲି ପରାମର୍ଶ ଦେଇଥିଲେ। ଶିକ୍ଷା ସହ କ୍ରୀଡା, ବିଜ୍ଞାନ, ବିଭିନ୍ନ ଖାଦ୍ୟ ସାମଗ୍ରୀ ସମ୍ପର୍କରେ ଅଧିକ ଜାଣିବା ଆବଶ୍ୟକ ବୋଲି ପ୍ରଧାନଶିକ୍ଷକ କହିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ଷ୍ଟଲ ମାଧ୍ୟମରେ ବିଭିନ୍ନ ପ୍ରକାର ରନ୍ଧନ ଖାଦ୍ୟ ପ୍ରଦର୍ଶିତ ହୋଇଥିଲା। କ୍ରୀଡା, ସୂଚନା ଓ ପ୍ରଯୁକ୍ତି ବିଦ୍ୟା, ସାହିତ୍ୟ ଆଦି ପ୍ରଦର୍ଶିତ ହୋଇଥିଲା। ଅତିଥିମାନେ ସମସ୍ତ ଷ୍ଟଲ ବୁଲି ଦେଖିବା ସହ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର ସହଯୋଗ କରିଥିଲେ। ଶିକ୍ଷକ କିରନ ନନ୍ଦ ମଞ୍ଚ ପରିଚାଳନା କରିଥିଲେ। ଗୁଡାରିଥାନାଧିକାରୀ ବିଶ୍ୱ ବନ୍ଦିନୀ ବାଗଙ୍କ ନେତୃତ୍ୱରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପୋଲିସ ବାହିନୀ ମୂତୟନ ହୋଇଥିଲେ।

# ଜିଆଇଇଟି ବିଶ୍ୱବିଦ୍ୟାଳୟରେ ୨ ଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ

ଗୁଣପୁର,୩୦।୧(ସୁଜାତା ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ଜିଆଇଇଟି ବିଶ୍ୱବିଦ୍ୟାଳୟର ମେଗା ଅଡିଟୋରିୟରେ ସ୍କୁଲ ଅଫ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜିର ଜୈବ ପ୍ରଯୁକ୍ତି ବିଦ୍ୟା ବିଭାଗ ଏବଂ ବାଇରାକ୍ ଇ ଯବା କେନ୍ଦ୍ର ମିଳିତ ସହଯୋଗରେ ଅନୁବାଦାତ୍ମକ ଗବେଷଣା, ନବସୃଜନ ଏବଂ ଜୈବ ଉଦ୍ୟୋଗ ସମ୍ପର୍କରେ ୨ ଦିନିଆ ଅର୍ନ୍ତଜାତୀୟ ସମ୍ମିଳନୀ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ଭୁବନେଶ୍ୱରସ୍ଥିତ ଆଇଏମ୍‌ଏମ୍‌ଟିର ବରିଷ୍ଠ ମୁଖ୍ୟ ବୈଜ୍ଞାନିକ ଡ ନବୀନ କୁମାର ଧଳ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଉଦ୍ଭିଦ ସହାୟତାରେ କିପରି ପରିବେଶ ପ୍ରଦ୍ୟୁଷଣ ମୁକ୍ତ ହୋଇ ପାରିବ ସେ ସମ୍ପର୍କରେ ମତ ଦେଇଥିଲେ। ସମ୍ମାନୀୟ ଅତିଥିଭାବେ ଏନ୍‌ଆଇ ଟି ରାଉରକେଲାର ଜୀବ ବିଜ୍ଞାନ ବିଭାଗର ଡ ସୁରଜିତ ଦାସ, ବିଶାଖାପାଟଣା ସ୍ଥିତ ଟିସିଏବିଏସ୍ - ଇ ଲ୍ୟାବ ପ୍ରତିଷ୍ଠାତା ତଥା ମୁଖ୍ୟ ବୈଜ୍ଞାନିକ ଡ ରବି କିରଣ. ଏସ୍. ୟିଡିଡି ଏବଂ ନୂଆଦିଲ୍ଲୀସ୍ଥିତ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟର ଜୈବ ପ୍ରଯୁକ୍ତି ବିଦ୍ୟା ବିଭାଗର ପ୍ରଫେସର କାଶ୍ୟପ କୁମାର ଦୁବେ ଉପସ୍ଥିତ ଥିଲେ। ଆଭାସିରେ ନୂଆଦିଲ୍ଲୀ ସ୍ଥିତ ବାଇରାକ୍‌ର ଇନକ୍ୟୁବେସନ ଅଧିକାରୀ ଡ ଛାୟା ଚୌହାନ ଯୋଗ ଦେଇଥିଲେ। ସମ୍ମିଳନୀର ଆବାହକ ଡ ମନୋଜ ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ସହ ଆବାହକ ଡ ଦିପ୍ତିକାନ୍ତ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ମିଳନୀରେ ଦେଶ ତଥା ବିଦେଶର ବିଭିନ୍ନ ଅନୁଷ୍ଠାନରେ ଗବେଷକ, ପ୍ରାଧ୍ୟାପକମାନେ ଯୋଗ ଦେଇ ସନ୍ଦର୍ଭ ପାଠ କରିବେ। ସନ୍ଧ୍ୟାରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଛି।



ଉଦ୍‌ଘାଟନୀ ଅବସରର ଅତିଥିମାନେ।

# ଗଳା କାଟି ହତ୍ୟା

ବିଷମକଟକ, ୩୦।୧
(ପ୍ରସନ୍ନ କୁମାର ପଣ୍ଡା)


କୈଳାସ ଚନ୍ଦ୍ର ସାହୁ।(ଫାଇଲ ଫଟୋ)

ରାୟଗଡା ଜିଲା ବିଷମକଟକ ସଦର ସ୍ଥିତ ବ୍ରାହ୍ମଣ ସାହି ନିବାସି କୈଳାସ ଚନ୍ଦ୍ରଙ୍କୁ କେହି ଦୁର୍ବୃତ୍ତ ଶୁକ୍ରବାର ଗଳା କାଟି ହତ୍ୟା କରିଥିବା ଅଭିଯୋଗ ହୋଇଛି। କୈଳାସଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ବିଷମକଟକ ଖ୍ରୀଷ୍ଟୀୟାନ ହସ୍ପିଟାଲ ଭର୍ତ୍ତୀ କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। କୈଳାସଙ୍କ ଗଳା ଓ ମୁଣ୍ଡରେ କ୍ଷତରହିଥିବା ଦେଖିବାକୁ ମିଳିଛି। କିଏ ଏବଂ କେଉଁ ପରିସ୍ଥିତିରେ ତାଙ୍କ ଗଳା କାଟିଛି ତାହା ସ୍ପଷ୍ଟ ଜଣାପଡ଼ିନାହିଁ। ତେବେ ଘଟଣା ସଂକ୍ରାନ୍ତରେ ଖବର ପାଇଁ ବିଷମ କଟକ ଥାନାଧିକାରୀ ସୂର୍ଯ୍ୟଚନ୍ଦ୍ର ପାଢି ବ୍ରାହ୍ମଣ ସାହି ସ୍ଥିତ ବାସଭନରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏଥି ସହିତ ସାଇଣ୍ଟିଫିକ୍ ଟିମ୍ ଏବଂ ସନ୍ଧାନୀ କୁକୁର ସହାୟତା ନିଆଯାଇଛି। ବର୍ତ୍ତମାନ ସୁଦ୍ଧା ହତ୍ୟାର କାରଣ ଅସ୍ପଷ୍ଟ। କିଏ ଏବଂ କେଉଁ ପରିସ୍ଥିତିରେ ତାଙ୍କୁ ହତ୍ୟା କରିଛି ତାହା ସନ୍ଦେହ ଘେରରେ। ଏହାର ତଦନ୍ତ ଚାଲିଥିବା ବିଷମକଟକ ଥାନାଧିକାରୀ ସୂର୍ଯ୍ୟ ଚନ୍ଦ୍ର ପାଢ଼ୀ ସୂଚନା ଦେଇଛନ୍ତି।

# ପଞ୍ଚମୁଖୀ ହନୁମାନ ମନ୍ଦିର ଗର୍ଭଗୃହ ନିର୍ମାଣ ଆରମ୍ଭ

ଗୁଣପୁର,୩୦।୧(ସଂକେତ ପାତ୍ର)

ରାୟଗଡ଼ା ଜିଲା ଗୁଣପୁର ସହରର ବାଉରୀ ସାହିସ୍ଥିତ ବଂଶଧାରା ନଦୀ କୂଳରେ ନିର୍ମାଣାଧୀନ ପଞ୍ଚମୁଖୀ ବୀର ହନୁମାନ ମନ୍ଦିରର ଗର୍ଭଗୃହ ନିର୍ମାଣ କାର୍ଯ୍ୟ ଶୁକ୍ରବାର ଆରମ୍ଭ ହୋଇଛି। ଏହି ଅବସରରେ ପୂଜା, ହୋମ, ଯଜ୍ଞରେ କମିଟି, ସ୍ଥାନୀୟ ବରିଷ୍ଠ ନାଗରିକ ଓ ଯୁବଗୋଷ୍ଠୀଙ୍କ ସହଯୋଗ କରିଥିଲେ। ମନ୍ଦିର ନିର୍ମାଣ କାର୍ଯ୍ୟକୁ ସମ୍ପନ୍ନ କରିବାକୁ ସହରବାସୀଙ୍କ ସହଯୋଗ ଓ ସମର୍ଥନ ଆବଶ୍ୟକ ବୋଲି ପୂଜା କମିଟି ପକ୍ଷରୁ ଆହ୍ୱାନ କରାଯାଇଛି।

# ସରକାରୀ ପ୍ରାଥମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ

ଅମ୍ବାଦଳା,୩୦।୧(ରବୀନ୍ଦ୍ର ପଣ୍ଡା)

ରାୟଗଡ଼ା ଜିଲା ମୁନିଗୁଡା ବ୍ଲକ ବେରୁଗୁଡା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଶୁକ୍ରବାର ପାଳିତ ହୋଇଛି। ମୁନିଗୁଡା ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୁବାସ ସିଂଙ୍କ ସଭାପତିତ୍ୱରେ ବ୍ଲକ ପୂର୍ବତନ ଗୋଷ୍ଠୀ ଶିକ୍ଷାଧିକାରୀ ଭାସ୍କର ରାଓ, ବରିଷ୍ଠ ଶିକ୍ଷକ ଅକ୍ଷୟ କୁମାର ରଥ, ଏମ୍‌ପି ପ୍ରତିନିଧି ରଜନୀ କାନ୍ତ ପୋଡାଲ, ଅମ୍ଳାଭଟା ସିଆରସିସି ସନ୍ତୋଷ କୁମାର ପାଠି, ଡାଙ୍ଗବାଡ଼ି ସିଆରସିସି ମୋନାଲିସା ପଣ୍ଡା, ସରଧାପୁର ସିଆରସିସି ନାରାୟଣ ସାହୁ, ରଘୁବାରି ସିଆରସିସି ସୁଶାନ୍ତ ପରିଡ଼ା, ଇଚ୍ଛାପୁର ସିଆରସିସି ଭାଗିରଥି ଧଳ ପ୍ରମୁଖ ମଞ୍ଚାସୀନ ଥିଲେ। ବେରୁଗୁଡ଼ା ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ହେମନ୍ତ କୁମାର ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ପ୍ରଚଳିତ ଶିକ୍ଷା ସହ ପ୍ରାଚୀନ ଭାରତୀୟ ସଂସ୍କୃତିର ମୂଲ୍ୟବୋଧକୁ ଛାତ୍ରୀଛାତ୍ର ଜାଣିବା ଆବଶ୍ୟକ ବୋଲି ଶିକ୍ଷକ ରଥ କହିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥି ମାନପତ୍ର ସହ ଟ୍ରଫି ଦେଇ ସମ୍ମାନିତ କରିଥିଲେ। ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଛାତ୍ରୀଛାତ୍ର ବିଭିନ୍ନ ଡ୍ରାମା ମାଧ୍ୟମରେ ସଚେତନ ବାର୍ତ୍ତା ଦେଇଥିଲେ। କାର୍ଯ୍ୟକ୍ରମରେ ସହକାରୀ ଶିକ୍ଷକ ସୂର୍ଯ୍ୟକାନ୍ତ ପଣ୍ଡା ଓ ରାଜେଶ କୁମାର ମାଝୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସତ୍ୟାନନ୍ଦ ନାୟକ ଓ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ସୋମବାର ପୂର୍ଣ୍ଣାହୁତି ଦେବେ ମୁଖ୍ୟମନ୍ତ୍ରୀ

ରାୟଗଡ଼ା,୩୦।୧(ଆଶିଷ ରଞ୍ଜନ ପଣ୍ଡା)

**ଆଜିଠୁ ୧୦୮ କୁଣ୍ଡୀୟ ବୈଦିକ ବିଶ୍ୱଶାନ୍ତି ଦେବ ମହାଯଜ୍ଞ**

ରାୟଗଡ଼ା ଜେସ୍‌କୋ ପଡ଼ିଆରେ ଶନିବାରଠାରୁ ୨ ତାରିଖ ପର୍ଯ୍ୟନ୍ତ ୧୦୮ କୁଣ୍ଡୀୟ ବୈଦିକ ବିଶ୍ୱଶାନ୍ତି ଦେବ ମହାଯଜ୍ଞ ଆୟୋଜନ ହେଉଛି। ତିନି ଦିନରେ ୩ ହଜାରରୁ ଅଧିକ ଦମ୍ପତି ଯଜ୍ଞରେ ବସିବାର କାର୍ଯ୍ୟକ୍ରମ ରହିଛି। ୨ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ପୂର୍ଣ୍ଣାହୁତି ଦେବାର କାର୍ଯ୍ୟକ୍ରମ ରହିଥିବା ସୂଚନା ମିଳିଛି।

ଅବିଭକ୍ତ କୋରାପୁଟ ସମେତ ଦକ୍ଷିଣ ପଶ୍ଚିମ ଓଡ଼ିଶାର ୮ ଜିଲା ଓ ପଡ଼ୋଶୀ ଆନ୍ଧ୍ରପ୍ରଦେଶର ୩ ଜିଲାର ଭକ୍ତମାନେ ସାମିଲ ହେବେ ବୋଲି ମହାଯଜ୍ଞ ସମନ୍ୱୟ ସମିତି ଆବାହକ ତଥା ମିଟ୍‌ସ ଗ୍ରୁପ ଅଧ୍ୟକ୍ଷ ବାଳକୃଷ୍ଣ ପଣ୍ଡା, ଯୋଗୀ ଚୈତନ୍ୟ ରାମଜୀ, ଭାଜପା ନେତା ୟାଲା ଭେଙ୍କେଟେଶ୍ୱର ରାଓ ସୂଚନା ଦେଇଛନ୍ତି। ଏଥିପାଇଁ ଜିଲା ପ୍ରଶାସନ ଓ ପୋଲିସ ପକ୍ଷରୁ ଯଜ୍ଞ ସ୍ଥଳ ସମେତ ରାୟଗଡ଼ା ସହରରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଶନିବାର ୧୦୦୮ ମହିଳାଙ୍କ ଦ୍ୱାରା ହନୁମାନ ଚାଳିଶା, ଗୀତା ପାଠ, ଲଳିତା ସାହସ୍ରନାମ ପାରାୟଣ ସହ କଳସ ଯାତ୍ରା କାର୍ଯ୍ୟକ୍ରମ ରହିଛି। ନୂଆପଡ଼ା ଜିଲା ହରିପୁର ଗୁରୁକୁଳ ଓ ମିଟସ ଗ୍ରୁପ ଦ୍ୱାରା ଆୟୋଜିତ ବିଶ୍ୱଶାନ୍ତି ମହାଯଜ୍ଞ ସଫଳ ଆୟୋଜନ ପାଇଁ ଭାଜପା ନେତା ତଥା ରାୟଗଡା ଟ୍ରକ ମାଲିକ ସଂଘ ସଭାପତି ୟାଲା ଭେଙ୍କେଟେଶ୍ୱର ରାଓ, ବିଶ୍ୱ ସାଧନା କେନ୍ଦ୍ରର ପ୍ରମୁଖ ବାବା ଯୋଗୀ ଶ୍ରୀଚୈତନ୍ୟ ରାମଜୀ, ଯଜ୍ଞ କମିଟି ସଂଯୋଜକ କୀର୍ତ୍ତିଚନ୍ଦ୍ର ସାହୁ, ବିଦ୍ୟୁଲତା ହୁଇକା ପ୍ରଭାକର ଦୋରା, ମିଟସର ଉପାଧ୍ୟକ୍ଷ ବିଶ୍ୱଜିତ ପଣ୍ଡା ଓ ଶ୍ରୀରାମ ପଣ୍ଡା, ରାଜୁ ସାହୁ ପ୍ରମୁଖ ସହଯୋଗ କରୁଛନ୍ତି। ଜିଲାର ବିଭିନ୍ନ ମଠ, ମନ୍ଦିର, ସଂସ୍କୃତି ପରିଷଦ, ମହିଳା ସଙ୍ଗଠନ, ସାମାଜିକ ଅନୁଷ୍ଠାନଗୁଡିକ ସାମିଲ ହୋଇଛନ୍ତି। ଆଧ୍ୟାତ୍ମିକ ଜାଗରଣ ସୃଷ୍ଟି କରି, ସାମାଜିକ ସଂସ୍କାର ଆଣିବା ଏବଂ ବ୍ୟକ୍ତିର ଚରିତ୍ର ଗଠନ କରିବା ଲକ୍ଷ୍ୟ ନେଇ ଏହି ଯଜ୍ଞ ଆୟୋଜନ ହୋଇଛି। ପ୍ରତିଦିନ ଅପରାହ୍ନରେ ଡ଼ଃ ଆଚାର୍ଯ୍ୟ ସୁଦର୍ଶନ ଦେବ ମହାରାଜ ଯୋଗଦେଇ ବେଦ, ବେଦାନ୍ତ, ଉପନିଷଦ ସମ୍ପର୍କରେ ପ୍ରବଚନ ଦେବେ। ସେହିପରି ଭୁବନେଶ୍ୱର ଆର୍ଯ୍ୟ ସମାଜ ଯଜ୍ଞ ପରିଚାଳନା ପ୍ରମୁଖ ଇଂ ସୁବ୍ରତ ସାମଲ, ଗୁରୁକୁଳ ହରିପୁର ଆଶ୍ରମ ସଂଚାଳକ ଡ଼ ସୁଦର୍ଶନ ଦେବ ଆଚାର୍ଯ୍ୟ, କଳାହାଣ୍ଡିସ୍ଥିତ ଆର୍ଯ୍ୟ ସମାଜ ସଞ୍ଚାଳକ ବାନପ୍ରସ୍ଥ ପୁରୁଷୋତ୍ତମ ମୁନି ପ୍ରମୁଖ ଯୋଗଦେଇ ପ୍ରବଚନ ଦେବାର କାର୍ଯ୍ୟକ୍ରମ ରହିଛି।

# ଗୁଣପୁର, ବିଷମକଟକ ବିଧାନସଭା ଆସନ ଉପରେ ଭାଜପାର ଫୋକସ୍

- ଭାଜପାରେ ମିଶିଲେ ପୂର୍ବତନ ଜିଲା ପରିଷଦ ଦମ୍ପତିଙ୍କ ପୁଅ
- କଂଗ୍ରେସରୁ ପ୍ରାର୍ଥୀ ହୋଇ ବିଜୟ ଓ କେତକୀ ହୋଇଥିଲେ ଜିଲା ପରିଷଦ ସଭ୍ୟ

ରାୟଗଡ଼ା,୩୦।୧(ଆଶିଷ ରଞ୍ଜନ ପଣ୍ଡା)


ଭାଜପା ରାଜ୍ୟ ନେତୃମଣ୍ଡଳୀଙ୍କ ସହ ଦଳରେ ମିଶିଥିବା ଅବିନାଶ ଗମାଙ୍ଗ।

୨୦୨୪ ସାଧାରଣ ନିର୍ବାଚନ ପରେ ରାଜ୍ୟରେ ଭାଜପା ଏକାକୀ ସରକାର ଗଠନ କରିଛି। ଆଗକୁ ଆସୁଛି ପଞ୍ଚାୟତ ନିର୍ବାଚନ। ଏହକୁ ନଜରରେ ରଖି ରାୟଗଡ଼ା ଜିଲାରେ ସକ୍ରିୟ ହୋଇଛନ୍ତି ଭାଜପା କାର୍ଯ୍ୟକର୍ତ୍ତା। ଆଗାମୀ ପଞ୍ଚାୟତ ନିର୍ବାଚନକୁ ନଜରରେ ରଖି ଭାଜପା ଜିଲାରେ ସଜବାଜ ଆରମ୍ଭ କରିଛି। ବିଶେଷକରି ଗୁଣପୁର ଓ ବିଷମକଟକ ବିଧାନସଭା ଆସନକୁ ଭାଜପା ଅଧିକା ଫୋକସ୍‌ରେ ରଖିଛି। କାରଣ ୨୦୦୦ ସାଧାରଣ ନିର୍ବାଚନରେ ବିଜେଡି-ଭାଜପା ମେଣ୍ଟ ବେଳେ ଗୁଣପୁର ନିର୍ବାଚନମଣ୍ଡଳୀ ଟିକେଟ ଭାଜପା ହାତରେ ପଡ଼ିଥିଲା। ସେଥିରେ ଭାଜପାରୁ ପ୍ରାର୍ଥୀ ହୋଇ ରାମମୂର୍ତ୍ତି ଗମାଙ୍ଗ ବିଜୟୀ ହୋଇଥିଲେ। ୨୦୧୭ ପଞ୍ଚାୟତ ନିର୍ବାଚନରେ ତତ୍‌କାଳୀନ ଜିଲା ସଭାପତି ଶିବଶଙ୍କର ଉଲାକାଙ୍କ ନେତୃତ୍ୱରେ ଗୁଣପୁର ନିର୍ବାଚନ ମଣ୍ଡଳୀ ରାମନାଗୁଡ଼ା ବ୍ଲକର ଦୁଇଟି ଜୋନ୍, ପଦ୍ମପୁର ବ୍ଲକର ଗୋଟିଏ ଜୋନ୍ ଏବଂ ବିଷମକଟକ ନିର୍ବାଚନମଣ୍ଡଳୀ ମୁନିଗୁଡ଼ା ବ୍ଲକର ଗୋଟିଏ ଜୋନ୍ ଭାଜପା ଦଖଲ କରିଥିଲା। ଯାହାର ଫଳସ୍ୱରୂପ ବର୍ତ୍ତମାନ ଜିଲା ସଭାପତି ଗୋପୀ ଆନନ୍ଦଙ୍କ ନେତୃତ୍ୱରେ ଭାଜପା ଦଳ ବିଷମକଟକ ଓ ଗୁଣପୁର ଆସନରେ ଦଳକୁ ସଙ୍ଗଠିତ କରୁଥିବା ଦେଖାଦେଇଛି। ବିଭିନ୍ନ ଦଳରେ ଆଗଧାଡ଼ିର ନେତା ଓ କର୍ମୀଙ୍କୁ ନେଇ ଦଳରେ ମିଶାଉଛି ଜିଲା ଭାଜପା। କଂଗ୍ରେସର ଜଣେ ପୂର୍ବତନ ବରିଷ୍ଠ ନେତା ତଥା ଦୁଇ ଜିଲା ପରିଷଦ ଅଧ୍ୟକ୍ଷା ଅଧ୍ୟକ୍ଷ ଦମ୍ପତି ବିଜୟ ଗମାଙ୍ଗ ଓ କେତକୀ ଗମାଙ୍ଗଙ୍କ ପୁଅ ଅବିନାଶ ଗମାଙ୍ଗ ଶୁକ୍ରବାର ଭାଜପାରେ ମିଶିଛନ୍ତି। ଭାଜପା ଜିଲା ପର୍ଯ୍ୟବେକ୍ଷକ କେ.ନାରାୟଣ ରାଓ, ଜିଲା ସଭାପତି ଗୋପୀ ଆନନ୍ଦ ପ୍ରମୁଖଙ୍କ ଉପସ୍ଥିତିରେ ଅବିନାଶ ଭୁବନେଶ୍ୱରସ୍ଥିତ ଭାଜପା ରାଜ୍ୟ କାର୍ଯ୍ୟାଳୟରେ ରାଜ୍ୟ ସଭାପତିଙ୍କ ନିକଟରେ ଦଳରେ ମିଶିଛନ୍ତି। ଯାହାକୁ ନେଇ ଗୁଣପୁର ରାଜନୀତି ଏକପ୍ରକାର ସରଗରମ ହୋଇଛି। ସେ ବର୍ତ୍ତମାନର କଂଗ୍ରେସ ବିଧାୟକ ସତ୍ୟଜିତ ଗମାଙ୍ଗଙ୍କ ସମ୍ପର୍କୀୟ ଭାଇ ହୋଇଥିବାରୁ ଆଗାମୀ ପଞ୍ଚାତ ନିର୍ବାଚନରେ କଂଗ୍ରେସ କଡ଼ା ଟକ୍କର ଦେବାରେ ଅବିନାଶ ଭାଜପା ପାଇଁ ମୁଖ୍ୟ ଭୂମିକା ଗ୍ରହଣ କରିବେ ବୋଲି ଆଲୋଚନା ଚାଲିଛି। ଅନ୍ୟପଟେ ଆଗାମୀ ପଞ୍ଚାୟତ ନିର୍ବାଚନ ଓ ୨୦୨୯ ସାଧାରଣ ନିର୍ବାଚନରେ କୋରାପୁଟ ଲୋକସଭା ଓ ଜିଲାର ୩ ବିଧାନସଭା ଆସନକୁ ଅକ୍ତିଆର ଲକ୍ଷ୍ୟରେ ଭାଜପା ସଙ୍ଗଠନ ସୁଦୃଢ଼ କରୁଥିବା ଆଲୋଚନା ହେଉଛି।

# ନୌକା ପ୍ରତିଯୋଗିତା ନେଇ ସରିଲା ପ୍ରସ୍ତୁତି

**ମାଲକାନଗିରି,୩୦।୧(ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲ୍ଲାର ଲୋକ ମହୋତ୍ସବ ମାଲ୍ୟବନ୍ତ ମହୋତ୍ସବ ଉପଲକ୍ଷେ ନୌକା ପ୍ରତିଯୋଗିତା ନେଇ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଏମ୍‌ଭି ୨୬ ଓ ରାଖାଲଗୁଡା ଗ୍ରାମ ମଧ୍ୟରେ ବିବାଦକୁ ନେଇ ଏହାକୁ ସ୍ଥଗିତ କରାଯାଇଥିଲା। ଫେବୃଆରୀ ୧ରୁ ୫ ଯାଏ ମାଲ୍ୟବନ୍ତ ମହୋତ୍ସବ ଅନୁଷ୍ଠିତ ହେବାକୁ ଥିଲା। ଶନିବାର ସ୍ଥାନୀୟ ସତୀଗୁଡା ଜଳଭଣ୍ଡାରରେ ନୌକା ପ୍ରତିଯୋଗିତା କରାଯିବ। ପ୍ରତିଯୋଗିତାରେ ବାଲିମେଳା ଜଳଭଣ୍ଡାର ଓ ପୋଲୁରୁ ଘାଟିର ମତ୍ସ୍ୟଜୀବୀ ସମବାୟ ସମିତିର ଦଳ ପ୍ରଥମଥର ପାଇଁ ଭାଗ ନେବେ। ଏଥିପାଇଁ ଡିଏଫ୍‌ଓ ସାଇ କିରଣ ଓ ଜିଲ୍ଲା ସଂସ୍କୃତି ବିଭାଗ ପକ୍ଷରୁ ଜଳଭଣ୍ଡାରରେ ପ୍ରତିଯୋଗିତା ଅନୁଷ୍ଠିତ ହେବ। ପ୍ରତିଯୋଗୀଙ୍କ ସୁରକ୍ଷା ନେଇ ଅଗ୍ନିଶମ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ପୋଲିସ ବିଭାଗ, ବିଚାରକ ମଣ୍ଡଳୀ, ଦର୍ଶକଙ୍କ ପାଇଁ ସ୍ଥାନ ନିରୂପଣ, ଜଳଭଣ୍ଡାର ମଧ୍ୟରେ ୧୨ ପ୍ରତିଯୋଗୀ ଟ୍ରାକ୍ ଚିହ୍ନଟ, ଆଦି କାର୍ଯ୍ୟ ଶେଷ ହୋଇଛି। ସହକରୀ ବନ ସଂରକ୍ଷଣ, ମତ୍ସ୍ୟ ବିଭାଗ, ଅଧିକାରୀମାନେ ସତୀଗୁଡା ଯାଇ ସମସ୍ତ କାର୍ଯ୍ୟ ତଦାରଖ କରିଥିଲେ।

# ୨୦୨୭ ସୁଦ୍ଧା ଜିଲ୍ଲାରୁ କୁଷ୍ଠରୋଗ ମୂଳପୋଛ ଲକ୍ଷ୍ୟ

## ଜାତୀୟ କୁଷ୍ଠ ନିରାକରଣ ପକ୍ଷ ପାଳନ ନେଇ ବୈଠକ

**କୋରାପୁଟ,୩୦।୧(ଅମିତାଭ ବେହେରା)**

କୋରାପୁଟ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜାତୀୟ କୁଷ୍ଠ ନିରାକରଣ ପକ୍ଷ ପାଳନ ଅବସରରେ ଏକ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ଅଧ୍ୟକ୍ଷତାରେ ୨୦୨୭ ସୁଦ୍ଧା ଜିଲ୍ଲାରୁ କୁଷ୍ଠରୋଗ ମୂଳପୋଛ କରିବା ଲକ୍ଷ୍ୟ ରଖାଯାଇଥିବା ନେଇ ଆଲୋଚନା ହୋଇଥିଲା।


ବୈଠକରେ ଉପସ୍ଥିତ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଓ ଅନ୍ୟ ଅଧିକାରୀମାନେ।

ବୈଠକରେ ଜିଲ୍ଲାର କୁଷ୍ଠରୋଗ ପ୍ରବଣ ୪ ସ୍ୱାସ୍ଥ୍ୟକେନ୍ଦ୍ର ଅଞ୍ଚଳ ତଥା କୋଟପାଡ଼, ବୋରିଗୁମ୍ମା, ରାବନାଗୁଡ଼ା ଓ ଜୟପୁର ପୌର ପରିଷଦରେ କୁଷ୍ଠରୋଗ ଲକ୍ଷଣ ଚିହ୍ନଟ କରି ଆରମ୍ଭରୁ ଏହାକୁ ପ୍ରତିହତ କରିବା ନେଇ ବ୍ୟାପକ ଓ ସାମୁହିକ ଜନ ସଚେତନ କରାଇବାକୁ ପରାମର୍ଶ ଦେଇଛନ୍ତି। ଗାଁ କଲ୍ୟାଣ ସମିତି, ମହିଳା ଆରୋଗ୍ୟ ସମିତି, ଛାତ୍ରୀଛାତ୍ର, ଶିକ୍ଷକ, ଆଶାକର୍ମୀ ଓ ଅଙ୍ଗନୱାଡି କର୍ମୀଙ୍କୁ ସଚେତନ କରାଇବା, କୁଷ୍ଠ ଆକ୍ରାନ୍ତ ସନ୍ଦେହ ବ୍ୟକ୍ତିମାନଙ୍କୁ ଡାକ୍ତରଖାନା ନେବା, ମାଗଣା ଔଷଧ ପ୍ରଦାନ କରିବା ଆଶା ଦିଦିଙ୍କୁ ଔଷଧ ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ। ୨୦୨୫ରେ ଜିଲ୍ଲାରେ ୧୫୪ଜଣ ଚିହ୍ନଟଙ୍କ ମଧ୍ୟରୁ ୬୮ଜଣ ଅଳ୍ପ ଜୀବାଣୁ ସଂକ୍ରମିତ ହୋଇଥିଲେ। ୮୬ଜଣ ବହୁ ବହୁ ଜୀବାଣୁ ସଂକ୍ରମିତ ଅଛନ୍ତି। ଚଳିତବର୍ଷ ବର୍ତ୍ତମାନ ସୁଦ୍ଧା ଜିଲ୍ଲାର ଏହି ୪ଅଞ୍ଚଳରେ ୧୩୧ଜଣ ଚିହ୍ନଟ ହୋଇ ୭୨ଜଣ ସ୍ୱଳ୍ପ ଜୀବାଣୁ ଓ ୫୯ଜଣ ବହୁ ଜୀବାଣୁ ଜନିତ ଆକ୍ରାନ୍ତ ହୋଇଥିଲେ। ମୋଟ ୨୮୫ ଜଣଙ୍କ ମଧ୍ୟରେ ୧୪୦ଜଣ ସ୍ୱଳ୍ପ ଜୀବାଣୁ ବାହକ, ୧୪୫ ବହୁ ଜୀବାଣୁ ବାହକ ଅନ୍ତର୍ଭୁକ୍ତ ହୋଇଛନ୍ତି। ସମସ୍ତଙ୍କୁ ଚିକିତ୍ସା କରାଯାଇଛି। ୧୫୧ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ପୁରୁଣା ଓ ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ୧୩୪ ଜଣ ଆକ୍ରାନ୍ତ ରହିଛନ୍ତି। ଏହି ଆକ୍ରାନ୍ତଙ୍କ ମଧ୍ୟରେ ୬ ଶିଶୁ, ୬୪ ମହିଳା ଓ ୬୪ ପୁରୁଷ ରହିଛନ୍ତି। ଏଥିରେ ୩୮ଜଣ ସ୍ୱଳ୍ପ ଜୀବାଣୁ ଓ ୨୬ ବହୁ ଜୀବାଣୁ ଆକ୍ରାନ୍ତ ଥିବା ଜଣାପଡିଛି। ଶିଶୁମାନଙ୍କ ଭିତରେ ୪ ସ୍ୱଳ୍ପ ଆକ୍ରାନ୍ତ ଓ ୨ ବହୁ ଜୀବାଣୁ ଜନିତ ଆକ୍ରାନ୍ତ ଅଛନ୍ତି ବୋଲି ଜିଲ୍ଲା କୁଷ୍ଠ ପରାମର୍ଶଦାତା ଡା. ରାକେଶ କୁମାର କଲାତ ଉପସ୍ଥାପନ କରିଥିଲେ। ଜିଲ୍ଲାକୁ ସମ୍ପୂର୍ଣ୍ଣ କୁଷ୍ଠ ମୁକ୍ତ କରିବା ନେଇ ବିଭାଗ ପକ୍ଷରୁ ସମସ୍ତ ପଦକ୍ଷେପ ନିଆଯାଉଥିବା ଏଡିପିଏଚଓ ଡା.ମୁକ୍ତିକାନ୍ତ ଖଟୁଆ ସୂଚନା ଦେଇଥିଲେ। ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ରବିନାରାୟଣ ମିଶ୍ର, ଏଡିପିଏଚଓ ଡା. ଦେବଦତ୍ତା ମଳିକ, ମହାମାରୀ ବିଶେଷଜ୍ଞ ବସନ୍ତ ସ୍ୱାଇଁ, ଲେପ୍ରା ପ୍ରକଳ୍ପ ଅଧିକାରୀ ଅନିଲ କୁମାର, ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ଘାଟି ରାସ୍ତାରେ ଟ୍ରକ୍ ଚକା ଫାଟି ଲାଗିଲା ନିଆଁ

**ପଟ୍ଟାଙ୍ଗି,୩୦।୧ (ଶରତ କୁମାର ଧଳ)**



କୋରାପୁଟ ଜିଲ୍ଲା ପଟ୍ଟାଙ୍ଗି ବ୍ଲକ୍ ୨୬ନଂ. ଜାତୀୟ ରାଜପଥ ଘାଟି ରାସ୍ତାରେ ଚଳନ୍ତା ଟ୍ରକ୍ ଚକା ଫାଟି ନିଆଁ ଲାଗି ସମସ୍ତ ଚକା ଜଳିଯାଇଛି। ଏଥିରେ ଟ୍ରକ୍ ଡ୍ରାଇଭର ଓ ହେଲ୍‌ପର ଅଳ୍ପକେ ବର୍ତ୍ତିଯାଇଛନ୍ତି। ସୂଚନାନୁଯାୟୀ, ଶୁକ୍ରବାର ପଟ୍ଟାଙ୍ଗିରୁ ଆନ୍ଧ୍ର ଅଭିମୁଖେ ଯାଉଥିବା ଏକ ଟ୍ରକ୍ ଓଡ଼ିଶା ସୀମାନ୍ତ ସୁଙ୍କି ପଞ୍ଚାୟତ ମୁଙ୍ଗାରଗୁମି ଗ୍ରାମ ନିକଟ ଜାତୀୟ ରାଜପଥ ଉପରେ ଏହାର ବାମ ଚକା ଫାଟି ନିଆଁ ଲାଗିଥିଲା। ଏ ନେଇ ଡ୍ରାଇଭର ସୁଙ୍କି ଥାନାକୁ ଜଣାଇଥିଲେ। ଥାନାଧିକାରୀ ଚତୁର୍ଭୁଜ ନାୟକ ବ୍ଲକ ସଦର ମହକୁମାସ୍ଥିତ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଟ୍ରକ୍‌ରେ ନିଆଁ ଲାଗିଯାଇଥିବାରୁ ପଟ୍ଟାଙ୍ଗି-ଆନ୍ଧ୍ର ଅଭିମୁଖେ ଆସୁଥିବା ସମସ୍ତ ଯାନବାହନ କିଛି ସମୟ ପାଇଁ ଅଟକି ରହିଥିଲା। ନିଆଁ ଆୟତ୍ତହେବା ପରେ ଚଳାଚଳ ସ୍ୱାଭାବିକ ହୋଇଥିଲା। ସୁଙ୍କି ପୋଲିସ ଓ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଟ୍ରକ୍‌ର ଅନ୍ୟ ଅଂଶଗୁଡ଼ିକରେ କୌଣସି କ୍ଷତି ହୋଇ ନ ଥିବା ଜଣାପଡିଛି। ଏ ନେଇ ସୁଙ୍କି ପୋଲିସ ଓ ଅଗ୍ନିଶମ ବିଭାଗ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

# ନାମଫଳକ ପିଣ୍ଡି ପାଇଁ ଦୁର୍ଘଟଣା ଘଟୁଥିବା ଅଭିଯୋଗ


କୁନ୍ଦୁଲି-ଦେଓମାଳି ରାସ୍ତାରେ ଥିବା ନାମଫଳକ ପିଣ୍ଡି।

**ସୁନାବେଡ଼ା/ସେମିଳିଗୁଡ଼ା,୩୦।୧ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)**

## ପିଣ୍ଡିର ଆୟତନ ଛୋଟ ସହ ରାସ୍ତା ଓସାରିଆ ଦାବି

କୋରାପୁଟ ଜିଲ୍ଲା ସେମିଳିଗୁଡ଼ା ବ୍ଲକ ଅଧୀନ କୁନ୍ଦୁଲି ପଞ୍ଚାୟତ ସଦରରୁ ଦେଓମାଳି ଯିବା ରାସ୍ତା ହାଟ ନିକଟରେ ପ୍ରଶାସନ ପକ୍ଷରୁ ନିର୍ମାଣ କରାଯାଇଛି ଗୋଟିଏ ଦେଓମାଳିର ନାମଫଳକ, ଯାହାର ପିଣ୍ଡିଟି ଆବଶ୍ୟକଠାରୁ ଅଧିକ ବଡ଼ ହୋଇଥିବାରୁ ଏଠାରେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ସ୍ଥାନୀୟ ଲୋକଙ୍କଠାରୁ ଆରମ୍ଭକରି ପର୍ଯ୍ୟଟକ। ଏଠାକୁ ଚାରିଚକିଆ ନେଇ ଆସୁଥିବା ଗାଡ଼ି ଚାଳକଙ୍କ ଅଭିଯୋଗ ମୁତାବକ ରାଜପଥରୁ ଦେଓମାଳିକୁ ସଂଯୋଗ କରୁଥିବା ଅଣଓସାରିଆ ରାସ୍ତାରେ ବଡ଼ ନାମଫଳକ ଯୋଗୁ ଗାଡ଼ି ବୁଲାଇବାରେ ସମସ୍ୟା ହେଉଛି। ବେଳେ ବେଳେ କିଛି ଦୁର୍ଘଟଣାର ଶିକାର ମଧ୍ୟ ହେଉଛନ୍ତି। ପ୍ରଶାସନ ଯଥାଶୀଘ୍ର ଏହି ପିଣ୍ଡିର ଆୟତନ ଛୋଟ ସହ ରାସ୍ତା ଓସାରିଆ କରିବାକୁ ଦାବି କରିଛନ୍ତି। ଦେଓମାଳି ଓଡ଼ିଶାର ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳ ରୂପେ ଧୀରେ ଧୀରେ ସମଗ୍ର ବିଶ୍ୱରେ ଖ୍ୟାତି ଅର୍ଜନ କରୁଥିବାବେଳେ ପ୍ରତିଦିନ ହଜାର ହଜାର ପର୍ଯ୍ୟଟକ ଏଠାକୁ ବୁଲିବାକୁ ଆସୁଛନ୍ତି। ଏ ସମ୍ପର୍କରେ ପଟ୍ଟାଙ୍ଗି ବିଡିଓ ରାମକୃଷ୍ଣ ନାୟକଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଘଟଣାସ୍ଥଳକୁ ପରିଦର୍ଶନକରି ଆବଶ୍ୟକ ସ୍ଥଳେ ପିଣ୍ଡିକୁ କାଟି ଛୋଟ କରାଯିବ। ଯେପରି ଯାତାୟାତରେ ବାଧା ନ ଉପୁଜେ ସେ ଦିଗରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ଏକନିଷ୍ଠ ହୋଇ ଅଧ୍ୟୟନ କରିବାକୁ ପରାମର୍ଶ


କାର୍ଯ୍ୟକ୍ରମରେ ଉପସ୍ଥିତ ପଟ୍ଟାଙ୍ଗି ରାମଚନ୍ଦ୍ର କାଡାମ ଓ ଅନ୍ୟ ଅତିଥିମାନେ।

**ନନ୍ଦପୁର,୩୦।୧(ତୁଷାରକାନ୍ତ ମହାନ୍ତି)**

କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ ସଦର ମହକୁମାରେ ଉଚ୍ଚ ବିଦ୍ୟାଳୟର ୬୨ତମ ବାର୍ଷିକ ଉତ୍ସବ ଶୁକ୍ରବାର ପାଳନ ହୋଇଛି। ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଅଞ୍ଜୁଲତା ଗରଡ଼ାଙ୍କ ଅଧ୍ୟକ୍ଷତାରେ ପଟ୍ଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ, ବିଡିଓ ଦୁର୍ଗାପ୍ରସାଦ ଦୋରା, ସହକାରୀ ଶିକ୍ଷାଧିକାରୀ ମମତାଜ ଗୋମାଙ୍ଗ, ଏମ୍‌ପି ପ୍ରତିନିଧି ଗୋପାଳ ମାଟାମ, ଡା. ସନ୍ଦୀପ ପଣ୍ଡା, ସରପଞ୍ଚ ସାଜେନ୍ତି କିର୍ସାନୀ, ସମିତିସଭ୍ୟ ବିନୋଦିନୀ ସମାର୍ଡି ଏବଂ ଓଡ଼ିଆ ଅଧ୍ୟାପକ ରବି ଶତପଥୀ ପ୍ରମୁଖ ଯୋଗଦେଇଥିଲେ। ମହାତ୍ମାଗାନ୍ଧୀଙ୍କ ତିରୋଧାନ ଦିବସ ଉପଲକ୍ଷେ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣକରି ନୀରବ ପ୍ରାର୍ଥନା କରାଯାଇଥିଲା। ଅତିଥି ଛାତ୍ରୀଛାତ୍ରଙ୍କୁ ଏକନିଷ୍ଠ ହୋଇ ଅଧ୍ୟୟନକରି ଜ୍ଞାନକୁ ଅସ୍ତ୍ର ଭାବେ ଧାରଣ କଲେ ସମସ୍ତ କ୍ଷେତ୍ରରେ ବିଜୟ ସୁନିଶ୍ଚିତ ହେବ ବୋଲି କହିଥିଲେ। କ୍ରୀଡ଼ା ଓ ସାଂସ୍କୃତିକ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥି ପୁରସ୍କୃତ କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ ୫ ବର୍ଷର ସଫଳତା, ବାର୍ଷିକ କାର୍ଯ୍ୟ ଖସଡ଼ା ଓ ଆବଶ୍ୟକତା ନେଇ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଆଦିବାସୀ ସଂଘ ସଭାପତି ଭଗବାନ ପେଟିଆ, ଓଏଭି ଅଧ୍ୟକ୍ଷ ନନ୍ଦ ଖରା, ନନ୍ଦପୁର ୟୁପିଏସ୍ ପ୍ରଧାନଶିକ୍ଷୟିତ୍ରୀ ଗୀତାଞ୍ଜଳି ସେଠୀ, ନବନିଯୁକ୍ତ ବ୍ଲକ କଂଗ୍ରେସ ସଭାପତି ମଦନ ହାଡ଼ ପୁଟିଆ, କାମେଶ କାମୁଡ଼ି, ଦେବେନ୍ଦ୍ର ଖେମୁଣ୍ଡୁ, ପୁରୁଣା ଛାତ୍ରୀଛାତ୍ର ଓ ଅଭିଭାବକ ଉପସ୍ଥିତ ଥିଲେ। ଶିକ୍ଷକ ପ୍ରଦୀପ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଅଚଳ ହୋଇପଡ଼ିଛି ସୋଲାର ପ୍ରକଳ୍ପ, ନଳକୂପ

**କୋରୁକୋଣ୍ଡା,୩୦।୧(ଶିବଦତ୍ତ ସାହୁ)**

## ଗ୍ରାମବାସୀଙ୍କ ଶୋଷ ମେଣ୍ଟାଉଛି ନାଳ ପାଣି

ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ସୋମନାଥପୁର ପଞ୍ଚାୟତ ଅଧୀନ ଧଉଡ଼ାଗୁଡା ଗ୍ରାମରେ ଉତ୍କଟ ଜଳ ସମସ୍ୟା ଦେଖାଦେଇଛି। ପ୍ରାୟ ୧ରୁ ଊର୍ଦ୍ଧ୍ୱ ବର୍ଷ ହେବ ଗ୍ରାମରେ ସୌରଚାଳିତ ପାନୀୟ ଜଳ ପ୍ରକଳ୍ପ ଓ ନଳକୂପ ଅଚଳ ହୋଇପଡ଼ିଛି। ଗ୍ରାମବାସୀ ହଇରାଣ ହେଉଥିବା ଅଭିଯୋଗ ହୋଇଛି। ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ପ୍ରାୟ ୮ କି.ମି ଦୂର ଏକ ପାହାଡ ଉପରେ ଥିବା ଗାଁ ପ୍ରତି ପଞ୍ଚାୟତ ଓ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନଜର ପଡୁନାହିଁ। ଏ ସମ୍ପର୍କରେ ଗ୍ରାମବାସୀ ବହୁବାର ପଞ୍ଚାୟତ କର୍ତ୍ତୃପକ୍ଷ ଏବଂ ଜଳ ଓ ପରିମଳ ବିଭାଗରେ କନିଷ୍ଠ ଯନ୍ତ୍ରୀ, ବ୍ଲକ କର୍ତ୍ତୃପକ୍ଷ ଓ ନିର୍ବାଚିତ ପ୍ରତିନିଧିଙ୍କୁ ଜଣାଇବା ସତ୍ତ୍ୱେ କର୍ଣ୍ଣପାତ କରୁ ନ ଥିବା ଗ୍ରାମର ଅର୍ଜୁ ଗୋଲରୀ, ରାମ ଖରା, ବାଲି ଗୋଲରୀ, ମୁଲିଆ ଗୋଲରୀ, ଲବ ଖରା, ଗୋପାଳ ଖିଲ, ହରି ଚନ୍ଦ୍ର ଖରା, ଅର୍ଜୁ ଖରା ଆନନ୍ଦ ଗୋଲରୀ, ସାଲ ଖରା, ଜେମା ଗୋଲରୀ, କମଳା ଗୋଲରୀ, ଅଁଳା ଖରା, ରତନୀ ଗୋଲରୀ ଅଭିଯୋଗ କରିଛନ୍ତି। ଗ୍ରାମରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ପରିବାର ଦୀର୍ଘ ବର୍ଷ ଧରି ବସବାସ କରି ଆସୁଛନ୍ତି। ଗ୍ରାମବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ପକ୍ଷରୁ ପ୍ରାୟ ୫-୬ବର୍ଷ ପୂର୍ବେ ଏକ ସୌର ଚାଳିତ ଜଳ ପ୍ରକଳ୍ପ ସ୍ଥାପନ କରାଯାଇଥିଲା।



ଗ୍ରାମବାସୀଙ୍କୁ ପାନୀୟ ଜଳ ଯୋଗାଇ ଦେବାକୁ ଗ୍ରାମର ବିଭିନ୍ନ ସ୍ଥାନରେ ଷ୍ଟାଣ୍ଡ ପୋଷ୍ଟ ହୋଇଥିଲା। ଏଥି ପାଇଁ ବିଭାଗ ପକ୍ଷରୁ ପ୍ରାୟ ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ହୋଇଥିଲା। ଏହି ପ୍ରକଳ୍ପଟି କିଛି ମାସ ସୁରୁଖୁରୁରେ ଚାଲିବ ପରେ ଆଜକୁ ପ୍ରାୟ ଏକ ବର୍ଷ ହେବ ପ୍ରକଳ୍ପଟି ସମ୍ପୂର୍ଣ୍ଣ ଭାବେ ଅଚଳ ହୋଇ ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଛି। ଗ୍ରାମରେ ଥିବା ନଳକୂପ ମଧ୍ୟ ଅଚଳ ହୋଇ ପଡିରହିଛି। ଲୋକେ ଗାଁଠାରୁ ପ୍ରାୟ ୭ଶହ ମିଟର ଦୂରରେ ପ୍ରବାହିତ ହେଉଥିବା ଏକ ନାଳରୁ ପାଣି ସଂଗ୍ରହ କରି ବ୍ୟବହାର କରିବାକୁ ବାଧ ହେଉଛନ୍ତି। ଗ୍ରାମରେ ଦୀର୍ଘ ଦିନ ହେବ ଜଳ ସଙ୍କଟ ଲାଗି ରହିଥିବାରୁ ଗ୍ରାମବାସୀଙ୍କ ସମେତ ଗାଇ ଗୋରୁ ଓ ଅନ୍ୟାନ୍ୟ ଗୃହ ପାଳିତ ପ୍ରାଣୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ଜଳ ଓ ପରିମଳ ବିଭାଗର କନିଷ୍ଠଯନ୍ତ୍ରୀ ରବିନ୍ଦ ବିଶ୍ୱାଳଙ୍କୁ ପଚାରିବାରୁ କିଛି ମାସ ପୂର୍ବେ ଉକ୍ତ ପ୍ରକଳ୍ପର ମରାମତି କରାଯାଇଥିଲା। ଫାଟିଥିବା ପାଣି ଟାଙ୍କିକୁ ବାହାର କରି ନୂଆ ଟାଙ୍କି ଲଗାଯାଇଥିଲା। ଶନିବାର ବିଭାଗର କର୍ମଚାରୀମାନଙ୍କୁ ଉକ୍ତ ଗ୍ରାମକୁ ପଠାଇ ଅଚଳ ହୋଇଥିବା ନଳକୂପ ଓ ସୌରଚାଳିତ ପ୍ରକଳ୍ପକୁ ମରାମତି କରାଯିବ ବୋଲି ସେ କହିଛନ୍ତି।

# ଭାଗ ନେବେ ହାଲ୍‌ର ୨୦ ପ୍ରତିଯୋଗୀ


ଚେନ୍ନାଇ ଯାତ୍ରା କରିଥିବା ଖେଳାଳିମାନେ।

**ସୁନାବେଡ଼ା, ୩୦।୧(କୃତ୍ତିବାସ ପ୍ରଧାନ)**

## ଜାତୀୟ ସ୍ପିଡ୍ ସ୍କେଟିଂ ଚାମ୍ପିୟନଶିପ୍

ଚଳିତ ମାସ ୩୧ ତାରିଖରେ ଚେନ୍ନାଇଠାରେ ହେବାକୁ ଥିବା ୨୫ତମ ଜାତୀୟ ସ୍ପିଡ୍ ସ୍କେଟିଂ ଚାମ୍ପିୟନଶିପ୍‌ରେ ଭାଗନେବାକୁ ସୁନାବେଡ଼ା ହାଲ୍‌ର ୨୦ ଜଣ ପ୍ରତିଯୋଗୀ ମନୋନୀତ ହୋଇଛନ୍ତି। ଏହି ପ୍ରତିଯୋଗିତା ପାଇଁ ସ୍କେଟିଂ ଦଳ ଗୁରୁବାର ଚେନ୍ନାଇ ଯାତ୍ରା କରିଛନ୍ତି। ହିନ୍ଦୁସ୍ଥାନ ଏରୋନଟିକ୍ସ ଏମ୍ପ୍ଲଇଜ୍ ୱେଲ୍‌ଫେୟାର ଆସୋସିଏସନ (ଏଚ୍‌ଏଇଡବ୍ଲ୍ୟୁଏ) ତତ୍ତ୍ୱାବଧାନରେ ଏହି ଦଳ ଯାତ୍ରା କରିଛି। ହାଲ୍ ସ୍ପୋର୍ଟସ କ୍ଲବ୍ ସଭାପତି ରବି ପଟ୍ଟନାୟକ ଓ ସେକ୍ରେଟାରି ବିଶ୍ୱେଶ୍ୱର ସେନାପତି ପ୍ରତିଯୋଗୀମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସେମାନଙ୍କ ସଫଳତା କାମନା କରିଛନ୍ତି।

# ନୂତନ ଶ୍ରେଣୀକକ୍ଷ ଭବନ ଉଦ୍‌ଘାଟନ

**ଲକ୍ଷ୍ମୀପୁର,୩୦।୧(ଅନନ୍ତ ପ୍ରସାଦ ନାୟକ)**

କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁରରେ ମୈତ୍ରୀ ଇନ୍‌ଫ୍ରାଷ୍ଟ୍ରକ୍ଚର ଆଣ୍ଡ ମାଇନିଂ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ କର୍ପୋରେଟ ସାମାଜିକ ଦାୟିତ୍ୱ(ସିଏସ୍ଆର) ପଦକ୍ଷେପ ଅଧୀନ ୟୁଏନ୍ ରାଜୁ ବାଳିକା ଉଚ୍ଚ ବିଦ୍ୟାଳୟକୁ ପ୍ରାୟ ୫୦ ବେଞ୍ଚଡେସ୍କ ସହିତ ଏକ ନୂତନ ଶ୍ରେଣୀକକ୍ଷ ଭବନ ନିର୍ମାଣକରି ଆଜି ହସ୍ତାନ୍ତର କରିଛି। ଜାତି ଜନଜାତି ଓ ଅନ୍ୟାନ୍ୟ ଅବହେଳିତ ଶ୍ରେଣୀର ବାଳିକାମାନେ ସୁବିଧାଜନକ, ସୁରକ୍ଷିତ ଶିକ୍ଷା ପରିବେଶରେ ନିର୍ଭୟ ଭାବେ ଅଧ୍ୟୟନ କରିବା ସୁଯୋଗ ପାଇଛନ୍ତି। ମୈତ୍ରୀ ଇନ୍‌ଫ୍ରାଷ୍ଟ୍ରକ୍ଚର ଆଣ୍ଡ ମାଇନିଂ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ଅଧ୍ୟକ୍ଷ ଟି. ଶ୍ରୀନିବାସ ରାଓଙ୍କ ଚେଷ୍ଟାରେ କମ୍ପାନୀ ୪ ବର୍ଷ ଧରି ଶିକ୍ଷକ ଓ ସହାୟକ କର୍ମଚାରୀଙ୍କ ମାସିକ ବେତନ ଦାୟିତ୍ୱ ମଧ୍ୟ ନେଉଛି। ଏହା ମାଧ୍ୟମରେ ଛାତ୍ରୀମାନଙ୍କ ପାଇଁ ମାଗଣା, ନିରବିଚ୍ଛିନ୍ନ ଓ ଗୁଣାତ୍ମକ ଶିକ୍ଷା ସୁନିଶ୍ଚିତ ହେଉଛି। ମୈତ୍ରୀ ଇନ୍‌ଫ୍ରାଷ୍ଟ୍ରକ୍ଚର ଆଣ୍ଡ ମାଇନିଂ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ଜାତି ଜନଜାତି ଓ ଅନ୍ୟ ଅବହେଳିତ ଶିଶୁମାନଙ୍କ ମନରେ ଶିକ୍ଷାର ଆଲୋକ ଜାଗ୍ରତ କରିବା ଦେଶ ଗଠନରେ ସୁଦୃଢ଼ ଭିତ୍ତି ସୃଷ୍ଟିକରିବା କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ। କାର୍ଯ୍ୟକ୍ରମରେ ଜିଏମ୍ ସିଏଚ୍ ବୋଷ ବାବୁ ,ପିଆର୍ ଓ ପୃଷ୍ଟି ଦୁରିଆ, ପିଆରଓ ପିଲୁ ଗୋରଡ। ସିଏସ୍ଆର୍ ସିଭିଲ ହେଡ୍ ପି.ଜଗଦୀଶ,ସିଏସଆର୍ ସାଇଟ ଇଞ୍ଜିନିୟର କାମକେଶ ପ୍ରସାଦ ପ୍ରମୁଖ ପରିଚାଳନା କରିଥିଲେ।

# ବିଧାନସଭା ଷ୍ଟାଣ୍ଡିଂ କମିଟିର ସମୀକ୍ଷା ବୈଠକ

**ବୈପାରୀଗୁଡା,୩୦।୧(କଳ୍ପତରୁ ମହାନ୍ତି)**

କୋରାପୁଟ ଜିଲ୍ଲା ବୈପାରୀଗୁଡା ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ବିଧାନସଭା ଷ୍ଟାଣ୍ଡିଂ କମିଟିର ଏକ ସମୀକ୍ଷା ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଏଥିରେ ଜିଲ୍ଲାର ସମସ୍ତ ବ୍ଲକର ବିଡିଓ ଯୋଗଦେଇଥିଲେ। ବିଭିନ୍ନ ବ୍ଲକର ଉନ୍ନୟନ କାମ ତଥା ମେଗା ପ୍ରକଳ୍ପ ଦ୍ୱାରା ନିର୍ମାଣାଧୀନ ପାଇପ୍ ପାଣି ଯୋଗାଣ କାର୍ଯ୍ୟର ସମୀକ୍ଷା କରାଯାଇଥିଲା। କମିଟି ଅଧ୍ୟକ୍ଷ ସନାତନ ବିଜୁଳିଙ୍କ ନେତୃତ୍ୱରେ ସଦସ୍ୟ ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା, ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର, ବାଙ୍କି ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ସୋରଡ଼ା ବିଧାୟକ ନିଳମଣୀ ବିଷୋୟୀ,କରଞ୍ଜିଆ ବିଧାୟକ ପଦ୍ମ ଚରଣ ହରିବୁରୁ,କୋରାପୁଟ ବିଧାୟକ ରଘୁରାମ ମାଛ, କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ସିଡିଓବେଣୁଧର ଶବର ପ୍ରମୁଖ ଉପସ୍ଥିତ ଥିଲେ।

# ଚାଟୁଆ-ଭୁବନେଶ୍ୱର ବସ୍ ଚଳାଚଳ, ଛାତ୍ରାବାସ ନିର୍ମାଣ ଦାବି

**ନନ୍ଦପୁର/ପାଡୁଆ,୩୦।୧ (ତୁଷାର କାନ୍ତ ମହାନ୍ତି/ଶଙ୍କର ପୂଜାରୀ)**

## ସ୍ଥିତି ପରଖିବାକୁ ନିର୍ଦ୍ଦେଶ

କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ୍ ଚାଟୁଆ ଜୋଲାପୁଟରୁ ଭୁବନେଶ୍ୱର ସରକାରୀ ବସ୍ ଚଳାଚଳ ଓ କୁଲାରସିଂ ପଞ୍ଚାୟତ ବିଜୁ ପଟ୍ଟନାୟକ ଉଚ୍ଚ ବିଦ୍ୟାଳୟରେ ୨୦୦ ଶଯ୍ୟା ବିଶିଷ୍ଟ ଏକ ଛାତ୍ରାବାସ ଖୋଲିବାକୁ ଦାବି ହୋଇଛି। ପଟ୍ଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ ପରିବହନ ବିଭାଗ ପ୍ରିନ୍ସିପାଲ ସେକ୍ରେଟାରି ଓ ଆଦିବାସୀ ଉନ୍ନୟନ, ସ୍କୁଲ ଓ ଗଣଶିକ୍ଷା, ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ପତ୍ର ଲେଖି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି। ପ୍ରତି ଉତ୍ତରରେ ୨ ବିଭାଗ ସଚିବ ଏହାର ସମୀକ୍ଷା କରି ପ୍ରସ୍ତାବ ଦେବାକୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ପରିବହନ ବିଭାଗ ପ୍ରିନ୍ସିପାଲ ସେକ୍ରେଟାରି ବିଶ୍ୱମ୍ଭର ସେଠୀ(ଓଏସ୍ଏସ୍) କାର୍ଯ୍ୟାଳୟ ପତ୍ର ସଂଖ୍ୟା ଟିଆରଏନ୍-ସିଓଆରପି-ଏମ୍ଆଇଏସ୍ସି-୦୦୧୨-୨୦୨୩ ୧୧୫୧/ଟି ତା.୨୭।୧।୨୦୨୬ରେ ରାଜ୍ୟ ଓଏସ୍ଆର୍‌ଟିସି ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକଙ୍କୁ ପତ୍ର ଲେଖି ରାତ୍ରିକାଳୀନ ଚାଟୁଆ-ଭୁବନେଶ୍ୱର ଦୂରଗାମୀ ସରକାରୀ ବସ୍ ସେବା ପ୍ରଦାନ ନେଇ ସ୍ଥିତି ପରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିଜୁ ପଟ୍ଟନାୟକ ଉଚ୍ଚ ବିଦ୍ୟାଳୟରେ ଏକ ୨ଶହ ଶଯ୍ୟା ବିଶିଷ୍ଟ ଛାତ୍ରାବାସ ନିର୍ମାଣ କରି କାର୍ଯ୍ୟକାରୀ କରିବାକୁ ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ଦେଇଥିବା ପତ୍ର ପ୍ରକାରେ ବିଭାଗୀୟ ଉପ ସଚିବ ସରୋଜ କୁମାର ପଣ୍ଡା(ଓଏଏସ୍) କାର୍ଯ୍ୟାଳୟ ପତ୍ରସଂଖ୍ୟା ୨୩୫୨/ଏସ୍ଏସ୍ଡି ତା.୨୮।୧।୨୦୨୬ରେ କୋରାପୁଟ ଆଇଟିଡିଏ ପ୍ରକଳ୍ପ ପ୍ରଶାସକଙ୍କୁ ବିଦ୍ୟାଳୟ ପରିସର ସ୍ଥିତି ପରଖି ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବ୍ଲକ୍ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ନାଗେନ ତ୍ରିପାଠୀ କହିଛନ୍ତି, ଉକ୍ତ ବିଦ୍ୟାଳୟରେ ଏକ ରେକୋଗନାଇଜ ଛାତ୍ରାବାସ ଥିବା ବେଳେ ୧୬୦ ଛାତ୍ର ଅନ୍ତେବାସୀ ଭାବେ ରହିଛନ୍ତି। ଅନ୍ତେବାସୀଙ୍କୁ କେବଳ ଖାଇବା ବ୍ୟବସ୍ଥା ମଙ୍ଗଳ ବିଭାଗ ବହନ କରୁଛି। ଏଥିଯୋଗୁ ଗରିବ ଛାତ୍ର ଅସୁବିଧାରେ ପଡୁଛନ୍ତି। ମଙ୍ଗଳ ବିଭାଗ ପରିଚାଳିତ ୨୦୦ ଶଯ୍ୟା ବିଶିଷ୍ଟ ଛାତ୍ରାବାସ ନିର୍ମାଣ ପାଇଁ ସମସ୍ତ ଯୋଗ୍ୟତା ରହିଛି। ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତିର ଛାତ୍ରମାନେ ସମସ୍ତ ସୁବିଧା ପାଇ ଉପକୃତ ହେବେ ବୋଲି ସୂଚନା ଦେଇଛନ୍ତି।


GOVERNMENT OF ODISHA
COMMERCE & TRANSPORT DEPARTMENT

No. TRN-CORP-MISC-0012-2023 / 1151 /T. dated 27-01-26

From
Shri Biswombar Sethi, OSS
Under Secretary to Government

To
The Chairman-cum-Managing Director,
OSRTC, Bhubaneswar

Sub: Request for introduction of new Night Coach Bus services from Nandapur, Chatwa and Jolaput to Bhubaneswar

Sir,
In inviting reference to the subject noted above, I am directed to forward here with a copy of the Proposal letter bearing No. 24/CLP/26 dated. 21.01.2026 of Shri Rama Chandra Kadam, Hon'ble MLA, Chairman of Departmentally Related Standing Committee - VI (Food Supplies & Consumer Welfare, Co-operation and Textiles, Handlooms & Handicraft Department), Odisha Legislative Assembly regarding introduction of new Night Bus services from Nandapur, Chatwa and Jolaput to Bhubaneswar for favour of kind information with a request to kindly take immediate steps on the proposal of Hon'ble MLA under intimation to this Department.

Yours faithfully,
Under Secretary to Government

Memo No. 1152 /T. Dated 27-01-26
Copy forwarded to Shri Rama Chandra Kadam, Hon'ble MLA, Chairman of Departmentally Related Standing Committee - VI (Food Supplies & Consumer Welfare, Co-operation and Textiles, Handlooms & Handicraft Department), Odisha Legislative Assembly, Qtrs. No. VIID/S 1/2, Unit-II, Bhubaneswar, PIN - 751001 (Email : ramachandrakadam9@gmail.com ) w.r.t. his kind letter No. 24/CLP/26 dated. 21.01.2026.

Under Secretary to Government

ବସ୍ ସେବା ପାଇଁ କରାଯାଇଥିବା ପତ୍ର।

# ଜୁନ୍ ସୁଦ୍ଧା ସମସ୍ତ ପ୍ରକଳ୍ପ ସାରିବାକୁ ଷ୍ଟାଣ୍ଡିଂ କମିଟିର ନିର୍ଦ୍ଦେଶ

**ଦଶମନ୍ତପୁର, ୩୦।୧(ଅରବିନ୍ଦ ନାୟକ)**


ବିଧାନସଭା ଷ୍ଟାଣ୍ଡିଂ କମିଟିର ସଦସ୍ୟମାନେ ବିଭିନ୍ନ ପ୍ରକଳ୍ପ ନେଇ ତଦାରଖ କରୁଛନ୍ତି ।

କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ୍‌ରେ ଭୁବନେଶ୍ୱରରୁ ଷ୍ଟାଣ୍ଡିଂ କମିଟି ୨ ପ୍ରକଳ୍ପର ଅନୁଧ୍ୟାନ କରିଛନ୍ତି। ମନ୍ଥର ଗତିରେ ଚାଲୁଥିବା ଦୁଆରଶୁଣି ପଞ୍ଚାୟତ ଅଧୀନ ଜଟିଆ ଗୁଡାର ପୋଲ ଓ ମାଣ୍ଡ୍ରା ଗ୍ରାମରେ ଚାଲିଥିବା ମେଗା ପ୍ରକଳ୍ପର ଅନୁଧ୍ୟାନ କମିଟିର ଅଧ୍ୟକ୍ଷ ସନାତନ ବିଜୁଳି, ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର, ବାଙ୍କୀ ବିଧାୟକ ଦେବି ରଞ୍ଜନ ତ୍ରିପାଠୀ, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁତା, କରଞ୍ଜିଆ ବିଧାୟକ ପଦ୍ମ ଚରଣ ହାଇବୁରୁ ଓ ବିଧାୟକ ନୀଳମଣି ବିଶୋଇ ପ୍ରମୁଖ ଅନୁଧ୍ୟାନ କରିଛନ୍ତି। ମାଣ୍ଡ୍ରାରେ ମନ୍ଥର ଗତିରେ ଚାଲିଥିବା ମେଗା ପାନୀୟ ଜଳ ପ୍ରକଳ୍ପ ପରିଦର୍ଶନ କରିଥିଲେ। ୨୦୨୨ରେ ଆରମ୍ଭ ହୋଇ ୨୦୨୪ରୁ ଏହାର ଅବଧି ଶେଷ ହେବା ସତ୍ତ୍ୱେ କାର୍ଯ୍ୟ କାହିଁକି ଶେଷ ହେଉନାହିଁ ବୋଲି ଆରଡବ୍ଲ୍ୟୁଏସ୍ଏସ୍‌ର ବିଭାଗୀୟ କର୍ତ୍ତୃପକ୍ଷ ଓ ଠିକାଦାରମାନଙ୍କୁ ବିରକ୍ତି ପ୍ରକାଶ କରିଥିଲେ। ଏହି ପ୍ରକଳ୍ପ ନିର୍ମାଣ ସମୟରେ ପରିବାରମାନଙ୍କ ଉପଯୁକ୍ତ ଥଇଥାନ, ବିଦ୍ୟୁତ୍, ରାସ୍ତା, ପାନୀୟ ଜଳ ଓ ସ୍ୱାସ୍ଥ୍ୟବସ୍ଥା ଦାୟିତ୍ୱ ନେବାକୁ ସମ୍ପୃକ୍ତ ଠିକାଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ୨୧୨ କୋଟି ପ୍ରକଳ୍ପରେ ଏଭଳି ନିମ୍ନମାନର ନିର୍ମାଣ ହେଉଥିବା ପାଣି ଟାଙ୍କିକୁ ନେଇ ଅଧିକାରୀମାନଙ୍କୁ ବିଗିଡି ଥିବା ଦେଖିବାକୁ ମିଳିଛି। ଜୁଲାଇ ସୁଦ୍ଧା ମୋଟ ୬୨ ଅଞ୍ଚଳରେ ମେଗା ପ୍ରକଳ୍ପ ଦ୍ୱାରା ଜଳ ଯୋଗାଇ ଦିଆଯିବ ବୋଲି ସମ୍ପୃକ୍ତ ଠିକାଦାର ପ୍ରକାଶ କରିଛନ୍ତି। ଲକ୍ଷ୍ମୀପୁର ବ୍ଲକର ୨ ଓ ଦଶମନ୍ତପୁର ବ୍ଲକର ମୋଟ ୧୬ ପଞ୍ଚାୟତରେ ମେଗା ପାନୀୟ ଜଳ ଯୋଗାଇ ଦିଆ ନ ଗଲେ ବିଧାନସଭାରେ କୈଫତ ଦେବାକୁ ଷ୍ଟାଣ୍ଡିଂ କମିଟିରେ ଅଧ୍ୟକ୍ଷ ଠିକାଦାରଙ୍କୁ ଚେତାବନୀ ଦେଇଥିଲେ। କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ରହିଛି। ଜଟିଆ ଗୁଡାରେ ନବରଙ୍ଗପୁର, କୋରାପୁଟ ଓ ରାୟଗଡା ଜିଲ୍ଲାକୁ ଜୁନ ସୁଦ୍ଧା ପୋଲ ନିର୍ମାଣ କାର୍ଯ୍ୟ ଶେଷ ନ ହେଲେ ଠିକାଦାର ଓ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଛି। କର୍ତ୍ତୃପକ୍ଷ ଏବଂ ଅଧିକାରୀମାନଙ୍କ ମନମୁଖୀ ମନୋଭାବ ଯୋଗୁ ଅବଧି ଶେଷ ପରେ ମଧ୍ୟ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇପାରୁନି ବୋଲି କରଞ୍ଜିଆ ବିଧାୟକ ହାଇବୁରୁ କହିଛନ୍ତି। ଏହି ସମୟରେ ସ୍ଥାନୀୟ ସହକାରୀ ଯନ୍ତ୍ରୀ ଅଭିଷେକ ଷଡଙ୍ଗୀ, ଯନ୍ତ୍ରୀ ପ୍ରିତମ ସିଆଲ ଏବଂ ଆରଡି, ପିଡବ୍ଲ୍ୟୁଡି, ଆଡବ୍ଲ୍ୟୁଏସ୍ଏସ୍‌ର ବିଭାଗୀୟ କର୍ତ୍ତୃପକ୍ଷ ଓ ଅଧିକାରୀମାନେ ଉପସ୍ଥିତ ଥିଲେ।

